# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 17 April - 2026

**************************************

## <u>ମୁଖ୍ୟ ସମ୍ବାଦ</u>

- ରାଜ୍ୟ ସଭାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ  ଜାରି ରହିଛି ଆଲୋଚନା

— ଆଉ କିଛି ସମୟ ପରେ ଆରମ୍ଭ ହେବ ଭୋଟଗ୍ରହଣ

- ଖରିଫ୍ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

- ପୁଲିସ୍‌ର ବୃତ୍ତିଗତ ଦକ୍ଷତା, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଶୈଳୀରେ ନୂଆ ଆଇନ୍ ବ୍ୟାପକ ସୁଧାର ଆଣିଛି; କହିଲେ ପୁଲିସ୍ ମହାନିର୍ଦ୍ଦେଶକ

ଏବଂ

- ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକ ଆସନ୍ତାକାଲିଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଛୁଟି

# ନାରୀ ଶକ୍ତି ବନ୍ଦନ

ଲୋକସଭା ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସମେତ ଅନ୍ୟ ଦୁଇଟି ବିଧେୟକ ଉପରେ ବର୍ତ୍ତମାନ ସଂସଦରେ ଆଲୋଚନା ଜାରି ରହିଛି । ସମ୍ବିଧାନ ୧୩୧ତମ ସଂଶୋଧନ ବିଧେୟକ, ସୀମା ପୁନଃନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଧେୟକ ଉପରେ ରାଜ୍ୟସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଉତ୍ତର ରଖି କହିଛନ୍ତି, ସନ୍ତୁଳିତ ସମାବେଶୀ ବ୍ୟବହାରିକ ଲୋକତନ୍ତ୍ର ଢ଼ାଞ୍ଚା ପ୍ରସ୍ତୁତ କରିବା ପାଇଁ ସମ୍ବିଧାନ ସରକାରଙ୍କ ଉପରେ ନ୍ୟସ୍ତ କରିଥାନ୍ତି । ବର୍ତ୍ତମାନର ସରକାରଙ୍କ ଉପରେ ଏହି ଦାୟିତ୍ୱ ରହିଥିବା ଶ୍ରୀ ଶାହ କହିଛନ୍ତି ।

**- V/O -**

ସଂରକ୍ଷଣ ସହିତ ୨୦୨୯ ନିର୍ବାଚନ କରାଇବା ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି । ସୁଶାସନ ପାଇଁ ସୀମା ନିର୍ଦ୍ଧାରଣର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ଶାହ ଗୃହରେ କହିଛନ୍ତି ।

ଆଉ କିଛି ସମୟପରେ ବିଧେୟକ ଉପରେ ଭୋଟ ଗ୍ରହଣ କରାଯିବ ।

## ବୈଠକ–ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଖରିଫ୍ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳମାନଙ୍କ ସହିତ ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଭାସୀ ମାଧ୍ୟମରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ୧ ଲକ୍ଷ ୭୭ ହଜାର ମେଟ୍ରିକ୍‌ଟନ୍ ୟୁରିଆ ଏବଂ ୬୦ ହଜାର ମେଟ୍ରିକ୍‌ଟନ୍‌ରୁ ଅଧିକ ଡିଏପି ସାର ମହଜୁଦ ରହିଛି। ଶେଷ ଧାଡିରେ ଥିବା ଲୋକଙ୍କ ପାଖରେ ସାରର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଡିଲର ପଏଣ୍ଟ ଯାଞ୍ଚ କରାଯାଇ ୬ଟି ଲାଇସେନ୍ସ ବାତିଲ କରାଯାଇଛି। କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ଫର୍ଟିଲାଇଜର ମ୍ୟାନେଜମେଣ୍ଟ ସିଷ୍ଟମ୍ ଆରମ୍ଭ କରାଯାଇଛି। ଏଥିରେ ପ୍ରତ୍ୟେକ ଜିଲ୍ଲାର ଦୈନିକ ସାର ଉପଲବ୍ଧତା ଓ ଆବଣ୍ଟନ ସମ୍ପର୍କରେ ସୂଚନା ଦିଆଯାଉଛି। କଳାବଜାରୀ ଓ ସାର ମହଜୁଦ୍‌କାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପଭିତ୍ତିକ ଅପବ୍ୟବହାର ରୋକିବା, ପଂଚାୟତସ୍ତରରେ ନିରୀକ୍ଷଣ କମିଟି ଗଠନ, ଚାଷୀମାନଙ୍କ ଡିଜିଟାଲ ପଞ୍ଜୀକରଣକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଇବା ସହିତ ଜୈବିକ ଓ ସନ୍ତୁଳିତ ସାର ବ୍ୟବହାର ଉପରେ ସଚେତନତା ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାର ବିକ୍ରୟ କେନ୍ଦ୍ରମାନଙ୍କରେ ଷ୍ଟକ୍ ପରିମାଣ ଓ ଦାମ୍ ସମ୍ପର୍କରେ ତଥ୍ୟ ପ୍ରଦାନ ସହିତ ପରିସଂଖ୍ୟାନରେ ସୀମିତ ନ ରହି ସାରର ସୁଷମ ବଣ୍ଟନ ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ମାଝୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମଙ୍ଗଳବାର ଦିନ  ରାଉରକେଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତିକୁ ତ୍ରୁଟିଶୂନ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ରାଷ୍ଟ୍ରପତିଙ୍କ ଏହି ଗସ୍ତ ଅବସରରେ ରାଉରକେଲାଠାରେ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍, କୋଏଲ ନଗରସ୍ଥିତ ପ୍ରମୋଦ ଉଦ୍ୟାନ ଭଳି ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କାର୍ଯ୍ୟସୂଚୀ ରହିଛି। କାର୍ଯ୍ୟକ୍ରମ ସରିବା ପରେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି।

## ମୁଖ୍ୟମନ୍ତ୍ରୀ-ଅନୁଗୁଳ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅନୁଗୁଳ ଗସ୍ତରେ ଯାଇଛନ୍ତି। ଜିଲ୍ଲାରେ ପହଞ୍ଚିବା ପରେ ଶ୍ରୀ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ନାରୀଶକ୍ତି ବନ୍ଦନ ଏବଂ ଅନୁଗୁଳ ଜିଲ୍ଲା ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବିଜୁ ବାବୁ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଜି ୨୯ତମ ତିରୋଧାନ ଦିବସ ପାଳନ କରାଯାଉଛି। ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଭୁବନେଶ୍ୱର ଜୟଦେବ ଭବନରେ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହେଉଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## ୱାଇ.ବି.ଖୁରାନିୟା

**କଟକ** ପୁଲିସ୍ ମୁଖ୍ୟାଳୟସ୍ଥିତ ଆର.କେ.ପାଢୀ ମେମୋରିଆଲ ହଲ୍ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା ୬୮ ଜଣ ପୁଲିସ୍ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ମାନିତ କରିଛନ୍ତି। ନୂତନ ଆଇନ୍‌ର ସଫଳ ରୂପାୟନ ଓ ପ୍ରୟୋଗ ଆଧାରରେ ଓଡ଼ିଶା ପୁଲିସ୍ ରାଜ୍ୟରେ ଦଣ୍ଡବିଧାନ ହାରରେ ସଫଳତା ଆସିଥିବା ଶ୍ରୀ ଖୁରାନିୟା କହିଛନ୍ତି। ନୂତନ ଆଇନ୍ ପୁଲିସ୍‌ର ବୃତ୍ତିଗତ ଦକ୍ଷତା, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ସାକ୍ଷ୍ୟ

ପ୍ରମାଣ ସଂଗ୍ରହ ଶୈଳୀରେ ବ୍ୟାପକ ସୁଧାର ଆଣିଥିବା ଜଣାପଡିଛି । ଉତ୍ତମ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀମାନଙ୍କୁ ୫ ହଜାର ଟଙ୍କାର ଅର୍ଥରାଶି ସହିତ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି ।

କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଆରକ୍ଷୀ ମହାନିରୀକ୍ଷକ ସାର୍ଥକ ଷଡଙ୍ଗୀଙ୍କ ସମେତ ପୁଲିସ୍ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ବିଶ୍ୱ ହେମୋଫିଲିଆ ଦିବସ

ବିଶ୍ୱ ହେମୋଫିଲିଆ ଦିବସ ଆଜି ପାଳନ କରାଯାଉଛି । ଚଳିତବର୍ଷର ପ୍ରସଙ୍ଗ ରହିଛି 'ନିଦାନ : ଯତ୍ନ ପାଇଁ ପ୍ରଥମ ପଦକ୍ଷେପ' । ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଶରୀରର କୌଣସି ସ୍ଥାନରୁ ରକ୍ତକ୍ଷରଣ ହେଲେ ତାହା ସହଜରେ ବନ୍ଦ ହୋଇନଥାଏ । ସମଗ୍ର ବିଶ୍ୱବାସୀଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବା ନିମନ୍ତେ ଏପ୍ରିଲ ୧୭ ତାରିଖକୁ ବିଶ୍ୱ ହେମୋଫିଲିଆ ଦିବସ ଭାବେ ପାଳନ କରାଯାଉଛି । ୧୯୮୯ ମସିହା ଏପ୍ରିଲ ୧୭ ତାରିଖରେ ପ୍ରଥମଥର ପାଇଁ ବିଶ୍ୱ ହେମୋଫିଲିଆ ମହାସଂଘର ପ୍ରତିଷ୍ଠାତା ଫ୍ରାଙ୍କ୍ ସ୍ନାବେଲଙ୍କ ଜନ୍ମଦିନକୁ ସମ୍ମାନ ଜଣାଇ ଏହି ଦିବସର ପରିକଳ୍ପନା କରାଯାଇଥିଲା । ହେମୋଫିଲିଆ ଏକ ବଂଶାନୁକ୍ରମିକ ରକ୍ତସ୍ରାବ ବିଶୃଙ୍ଖଳା, ଯାହାଦ୍ୱାରା ରକ୍ତଜମାଟ ବାନ୍ଧୁଥିବା କାରକର ତ୍ରୁଟି ଯୋଗୁଁ ହୋଇଥାଏ । ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାପଡ଼ିଛି, ପ୍ରତି ୨୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ତିନିଜଣ ହେମୋଫିଲିଆରେ ଆକ୍ରାନ୍ତ ହୋଇଥାନ୍ତି ।

## ହେମୋଫିଲିଆ ଦିବସ

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍‌ପିଟାଲ ପରିସରରେ ଥିବା ହେମୋଫିଲିଆ ଡେ’ କେୟାର ସେଣ୍ଟର ଠାରେ ବିଶ୍ୱ ହେମୋଫିଲିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ରାଜ୍ୟରେ ମୁକ୍ତ ଚିକିତ୍ସା ସୁବିଧା ଏବଂ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ ଭାବେ ଜାରି ରହିଥିବା କହିଛନ୍ତି। ଏହି ଅବସରରେ ରୋଗୀମାନଙ୍କ ପାଇଁ ଉନ୍ନତମାନର ଚିକିତ୍ସା ସୁବିଧା ସହିତ ନୂତନ ଔଷଧର ଶୁଭାରମ୍ଭ କରାଯାଇଛି।

## ଜିଲ୍ଲା ଟପ୍ପର

**ଗଞ୍ଜାମ** ଜିଲ୍ଲା ସୋରଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଅଂଶୁମାନ ପଣ୍ଡା ଚଳିତବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୯ ଦଶମିକ ୨ ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହେବା ସହିତ ଓଏଭି ବିଦ୍ୟାଳୟର ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ଅଂଶୁମାନଙ୍କୁ ସମ୍ବର୍ଦ୍ଧନା କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଜନଗଣନା

**ନବରଙ୍ଗପୁର** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଜନଗଣନା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରେ ଜନସାଧାରଣଙ୍କୁ ଜନଗଣନା ସମ୍ପର୍କରେ ନିରପେକ୍ଷ ଭାବେ ତଥ୍ୟ ପ୍ରଦାନ କରିବା ଉପରେ ଏହି ରଥ ସଚେତନ କରିବ।

## ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା** ଜିଲ୍ଲା ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ମହିଳା ଆଇନ୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଓ କନ୍ୟାମାନଙ୍କ ଅଧିକାର, ଶିଶୁ ସୁରକ୍ଷା, ସାମାଜିକ ଗଣମାଧ୍ୟମରେ ମହିଳା ଉତ୍ପୀଡନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ।

## ଅଂଶୁଘାତ ମୁକାବିଲା

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି **ନବରଙ୍ଗପୁର** ଜିଲ୍ଲାରେ  ଅଂଶୁଘାତ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମୀଣ ସ୍ତରରେ ସଚେତନତା ବଢ଼ାଇବା ପାଇଁ ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀମାନଙ୍କୁ ନିୟୋଜିତ କରାଯାଇଛି। ଜରୁରୀ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ଜିଲ୍ଲା ଜରୁରିକାଳୀନ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଚାଲୁ ରହିଛି।

## ରାଧାନାଥ ରାୟ

ଉତ୍କଳ ଭାରତୀଙ୍କ ଅନନ୍ୟ ସାରସ୍ୱତ ସାଧକ କବିବର ରାଧାନାଥ ରାୟଙ୍କ ପୂଣ୍ୟତିଥି ଆଜି ରାଜ୍ୟରେ ପାଳନ କରାଯାଉଛି। ଚିଲିକାର ସ୍ନିଗ୍ଧ ଶୋଭା ହେଉ କିମ୍ବା ମହାଯାତ୍ରାର ଗାମ୍ଭୀର୍ଯ୍ୟ ତାଙ୍କର ପ୍ରତ୍ୟେକ କାଳଜୟୀ ରଚନା ଓଡ଼ିଆ ଜାତିର ସାଂସ୍କୃତିକ ଚେତନାକୁ ଋଦ୍ଧିମନ୍ତ କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିଛି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କବିବର ରାଧାନାଥ ରାୟଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଓଡ଼ିଆ ସାହିତ୍ୟକୁ ବିଶ୍ୱବନ୍ଦିତ କରିବାରେ କବିବରଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ହୋଇ ରହିବ ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ଶିକ୍ଷାନୁଷ୍ଠାନଗୁଡ଼ିକର ଛୁଟି ନିଷ୍ପତ୍ତି ନେବାକୁ ଦାୟିତ୍ୱ ଦିଆଯାଇଛି । ବଲାଙ୍ଗିର ଜିଲ୍ଲାରେ ପ୍ରବଳ ଖରା ଓ ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ମଧ ଆସନ୍ତାକାଲିଠାରୁ ୨୨ ତାରିଖ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନକୁ ଜିଲ୍ଲାପାଳଙ୍କ ନିଷ୍ପତ୍ତି ଆଧାରରେ ଛୁଟି ଘୋଷଣା କରାଯାଇଛି ।

ରାଜ୍ୟର ପଶ୍ଚିମଭାଗ ଜିଲ୍ଲା ଗୁଡ଼ିକରେ ଗ୍ରୀଷ୍ମର ପ୍ରଭାବ ଅଧିକ ରହୁଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହିତ ବର୍ଷା ହେବା ନେଇ ୧୬ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।